## ସଂକ୍ଷେପରେ

### ୨୮ କେଜି ଗଞ୍ଜେଇ ଜବତ, ୫ ଗିରଫ

ଜୟପୁର,୮।୧୨: (ନି ପ୍ର ) ଜୟପୁର ସଦରଥାନା ପୋଲିସ ମଙ୍ଗଳବାର ଚୋରାଚାଲାଣ ବେଳେ ୨୮ କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଅଭିଯୁକ୍ତମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ମୁଖିଖୁଡୁପି ଗ୍ରାମର ଲବ ହରିଜନ ଓ ଉତ୍ତର ପ୍ରଦେଶ ଗାଜିଆବାଦର ଜାଗିଲ ଚୌଧୁରୀ, ତସଲିମ, ଭସିମ ଓ ସାଲୁନା। ଲମତାପୁଟଠାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପାତ୍ରପୁଟ ନିକଟରେ ଓଆଇସି ପିକେ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ କାର ( ଓ-ଆର୍ଇ୧୦ଏଚ-୫୧୨୭)କୁ ଅଟକାଇ ଯାଞ୍ଚ କରିବାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ପୋଲିସ କହିଛି। ।

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର,୮।୧୨ (ନି.ପ୍ର.)-କୋରାପୁଟ ଜିଲା ଦୁରୁଗୁଡ଼ା ଗ୍ରାମର ରଶ୍ମି ଖରାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ସେ ସୋମବାର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ୨୦୧୦ରେ ସେମିଳିଗୁଡା ବଡକେତେଙ୍ଗା ଗ୍ରାମର ଜୟ ଖରା ରଶ୍ମିଙ୍କୁ ବିବାହ କରିଥିଲେ। ବାହାଘର ସମୟରେ ଶାଶୁଘର ଲୋକେ କୌଣସି ଯୌତୁକ ଦାବିକରି ନ ଥିଲେ। ୨୦୧୭ରୁ ରଶ୍ମିଙ୍କ ସ୍ୱାମୀ ଜୟ, ବଡଭାଇ ଧନୀ, ଶାଶୁ, ଜୟଙ୍କ ଦ୍ୱିତୀୟ ସ୍ତ୍ରୀ ସୁନେତ୍ରୀ, ଭାଉଜ ଓ ଭଉଣୀ ତାଙ୍କୁ ମାଡ ମାରିବା ସହ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ପରେ ରଶ୍ମି ବାପଘରକୁ ଯାଇ ୨୫ହଜାର ଟଙ୍କା ଆଣି ଶାଶୁଘର ଲୋକଙ୍କୁ ଦେଇଥିଲେ। ୨୦୧୯ ମେ'ରେ ଜୟ ଦ୍ୱିତୀୟ ବିବାହ କରିବା ପରେ ରଶ୍ମିଙ୍କୁ ଘରୁ ତଡିଦେଇଥିଲେ। ସେ ନିଜର ଦୁଇ ପୁଅଙ୍କୁ ଧରି ବାପଘରକୁ ଫେରି ଆସିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ୬ଜଣଙ୍କ ନାମରେ ୭୨/୨୦ରେ ମାମଲା ରୁଜୁ ହୋଇଛି। ଏଏସ୍ଆଇ ଜିଗିଲି ଗମାଙ୍ଗ ଏହାର ତଦନ୍ତ କରୁଥିବା ଆଇଆଇସି ମମତା ପାଣିଗ୍ରାହୀ କହିଛନ୍ତି।

### ୨୫ କେଜି ଗଞ୍ଜେଇ ଜବତ: ୨ ଗିରଫ

ପଡିଆ, ୮।୧୨(ଡି.ଏନ.ଏ)- ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଲାକାନଗିରି ଜିଲା ଏମଭି-୪୩ ଗ୍ରାମର ଦୀପକ ବାରୋଇ ଏବଂ ମାଲକାନଗିରିର ଧନଞ୍ଜୟ ଜାନି। ଜବତ ଗଞ୍ଜେଇର ପରିମାଣ ୨୫ କେଜି ବୋଲି ଜଣାପଡିଛି। ସୋମବାର ଭୋର ସମୟରେ ଏପି୦୯ ଏୱାଇ- ୦୪୨୪ ନମ୍ବର ବିଶିଷ୍ଟ କାର ଦ୍ରୁତ ଗତିରେ ଗଞ୍ଜେଇ ନେଇ ଯାଉଥିବା ବେଳେ ଖବର ପାଇ ଦୋରନାପାଲ ପୋଲିସ ପେଣ୍ଟା ଗ୍ରାମଠାରେ ଏହାକୁ ଅଟକାଇ ଯାଞ୍ଚ କରିଥିଲା।

# ଅବିଭକ୍ତ ଦକ୍ଷିଣ ଓଡ଼ିଶାରେ ବନ୍ଦର ଆଂଶିକ ପ୍ରଭାବ

କୋରାପୁଟ/ଜୟପୁର/ସେମିଳିଗୁଡ଼ା/ ବୈପାରିଗୁଡା/ ମାଲକାନଗିରି/ କୋରୁକୋଣ୍ଡା/ ଏମ୍ଭି-୭୯,୮।୧୨ (ନି.ପ୍ର./ଡି.ଏନ.ଏ./ସ୍ୱ.ପ୍ର.)


ଜୟପୁରରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

କୋରାପୁଟରେ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ଭାରତ ବନ୍ଦ ଡାକରା ଅବିଭକ୍ତ କୋରାପୁଟ ଜିଲାରେ ଆଂଶିକ ପ୍ରଭାବ ପଡିଛି। କୋରାପୁଟରେ ବନ୍ଦ ଯୋଗୁ କେବଳ ମାଲବାହୀ ଟ୍ରକ ଓ ଯାତ୍ରୀବାହୀ ବସଗୁଡିକ ବନ୍ଦ ରହିଥିବାବେଳେ ଦୋକାନବଜାର ଖୋଲା ଥିବା ଦେଖିବାକୁ ମିଳିଛି। କଂଗ୍ରେସର ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଟ୍ରାଫିକଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ପୂର୍ବତନ ଜିଲାପରିଷଦ ସଭ୍ୟ ଜଗଦୀଶ ଖୋସ୍ଲା, ରମେଶ ବାଖିଆ, ବାବୁଲା ବେହିଆ, ଭବାନୀ ଶଙ୍କର ମିଶ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

ଜୟପୁରରେ ଏହି ବନ୍ଦକୁ କଂଗ୍ରେସ,ସିପିଆଇ ସମେତ ଟ୍ରେଡ୍ ୟୁନିୟନଗୁଡିକ ସମର୍ଥନ ଦେଇଥିଲେ। ଜୟପୁର ୨୬ନଂ. ଜାତୀୟ ରାଜପଥଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜପଥ ଅବରୋଧ ଯୋଗୁ ଗାଡିମୋଟର ଅଟକି ରହିଥିଲା। ସହରର ଦୋକାନ ବଜାର ବନ୍ଦ ଥିଲା। ଚାଷୀ ନେତା କୃଷ୍ଣ ନେପାକ, କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ବୁଲୁ ସାହୁ, ସିପିଆଇର ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ ପ୍ରମୁଖ ସାମିଲ ହୋଇଥିଲେ।ସେମିଳିଗୁଡ଼ା ଓ ସୁନାବେଡ଼ାରେ ମଧ୍ୟ ବନ୍ଦର ପ୍ରଭାବ ଆଂଶିକ ରହିଥିଲା। ଦୋକାନ ବଜାର କେତେକ ସ୍ଥାନରେ ବନ୍ଦ ଥିବାବେଳେ କେତେକ ସ୍ଥାନରେ ଖୋଲା ଥିଲା। ସେମିଳିଗୁଡ଼ା ଟ୍ରାଫିକ ଛକ ନିକଟରେ କଂଗ୍ରେସର ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ବ୍ଲକ ସଭାପତି ସାକିଆ ମାଝି, ଦାଶ ନନ୍ଦିବାଲି, ରାମ ମୁଦୁଲି ,ପୀତାମ୍ବର କିର୍ସାନି, ଗୋକୁଳ ହନ୍ତାଳଙ୍କ ସହ କର୍ମକର୍ତ୍ତା ଜାତୀୟ ରାଜପଥ ଅବରୋଧ କରି ରାସ୍ତା ଉପରେ ଧାରଣାରେ ବସିଥିଲେ। ବୈପାରୀଗୁଡାରେ ବନ୍ଦ ପାଳନ ଯୋଗୁ ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ ରହିଥିଲା । ଏସ୍ୟୁସିଆଇ ,ସିପିଆଇ ସହ ବିଜେଡି,କଂଗ୍ରେସ କର୍ମୀମାନେ ମୁଖ୍ୟ ଛକରେ ବିରୋଧ ପ୍ରଦର୍ଶନ କରିଥିଲେ । ଏସ୍ୟୁସିଆଇ ଜିଲା ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶୋୟୀ,ଏଆଇକେକେଏମ୍ଏସ୍ ବ୍ଲକ ସଂପାଦକ ରାମ ବାଗିଚ,ଫରୱାଡ ବ୍ଲକର ଶମ୍ଭୁନାଥ ମହାନ୍ତି,ସିପିଆଇର ବଳରାମ ନାୟକ, ବିଜେଡିର ଆର୍,ଶ୍ରୀନିବାସ ରାଓ ,ସାଥୀରାମ ନାୟକ, କଂଗ୍ରେସର ଗୌର ଚନ୍ଦ୍ର ପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । କୁନ୍ଦୁରା ବ୍ଲକରେ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଶତାଧିକ ଚାଷୀ ବ୍ଲକ ସଦରମହକୁମାରେ ଏକତ୍ରିତ ହୋଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଜିତେନ୍ଦ୍ର କୁଣ୍ଡ, ରାଜେଶ ଗୁରୁଙ୍କ ସହ ଅନ୍ୟମାନେ ସାମିଲ ଥିଲେ ।

ମାଲକାନଗିରି ଜିଲାରେ ବନ୍ଦ କେତେକାଂଶରେ ସଫଳ ହୋଇଛି। ସରକାରୀ ଅଫିସ୍, ଗାଡି ଚଳାଚଳ, ଓ ଦୋକାନ ବଜାର ବନ୍ଦ ଥିଲା। ଚାଷୀଙ୍କ ସମେତ ସିପିଆଇ ଏମ୍ର ବ୍ରଜ ମାଝୀ, ଘେନୁ ମୁଦୁଲି, ରାଷ୍ଟ୍ରୀୟ କିଶାନ ମଜଦୁର ସଂଘ ସଭାପତି ସୋନୁ ଅନୁଗୁ ପ୍ରମୁଖ ପିକେଟିଂ କରି ରାସ୍ତା ଅବରୋଧ କରିଥିଲେ । ସେହିପରି କଂଗ୍ରେସ ପକ୍ଷରୁ ଜିଲା ସଭାପତି ଗୋବିନ୍ଦ ପାତ୍ର, ରାମ ପଟ୍ଟନାୟକ, ଜି. ଶ୍ରୀନିବାସ ରାଓ ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେନ୍ଦ୍ର ସରକାର ନୂତନ କୃଷି ବିଲ୍ କରି ଚାଷୀ, ଶ୍ରମଜୀବୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛନ୍ତି। ଧନୀ ଓ କର୍ପୋରେଟ ମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଉଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ।

ବାଲିମେଳା ଓ କୋରୁକୋଣ୍ଡାରେ ମଧ୍ୟ ବନ୍ଦ ପାଳିତ ହୋଇଛି। ଏହା ପ୍ରଭାବରେ ଦୋକାନବଜାର, ଗାଡି ଚଳାଚଳ ବନ୍ଦ ରହିଥିଲା। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ରାସ୍ତା ଅବରୋଧ କରି ଗାଡିମୋଟର ଅଟକାଇଥିଲେ। କାଲିମେଳା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ ଓ ବାମପନ୍ଥୀ ଦଳର ସମର୍ଥକମାନେ ମୋଟୁ- ମାଲକାନଗିରି ରାସ୍ତା ଅବରୋଧ କରିଥିଲେ।

# ଅର୍ଥାଭାବରୁ ଗୋଡ଼ର ଚିକିତ୍ସା କରିପାରୁନାହାନ୍ତି କ୍ରିଷ୍ଟପଦ

ପଡିଆ, ୮।୧୨(ଡି.ଏନ.ଏ.)


କ୍ରିଷ୍ଟପଦ ଗୋଲଦାର

ପ୍ରଥମେ ଚା' ଦୋକାନଟିଏ କରି ପରିବାର ଚଳାଉଥିଲେ ପଡ଼ିଆ ବ୍ଲକ ଭଣ୍ଡୁରୁକୋଣ୍ଡା ପଞ୍ଚାୟତ ଏମ୍ପିଭି ୫୨ ଗ୍ରାମର କ୍ରିଷ୍ଟପଦ ଗୋଲଦାର (୭୦)। ଦାଦନ ଖଟିବାକୁ ଯିବାକୁ ବାହାରିଲେ ମନାକଲେ ସ୍ତ୍ରୀ ଉତ୍ତରା। ଉତ୍ତରାଙ୍କ ସହ ୬ଝିଅ ୨ପୁଅଙ୍କୁ ନେଇ ସୁରୁଖୁରୁରେ ଚାଲିଥିଲା ତାଙ୍କ ସଂସାର। ପଞ୍ଚାୟତ ଛକରେ କରିଥିବା ଛୋଟିଆ ଦୋକାନରୁ ପରିବାର ଚଳାଇବା କଷ୍ଟ ହେଉଥିଲା। ପରେ ସେ ମିଠା ତିଆରି କରି ବିକିଲେ। ଭଲ ଚାଲିବାରୁ ମଧ୍ୟାହ୍ନଭୋଜନ ଆରମ୍ଭ କରି ତାକୁ ହୋଟେଲରେ ପରିଣତ କଲେ ସେ। ସମୟକ୍ରମେ ଝିଅମାନଙ୍କୁ ବାହାଦେଲେ। ଆଗ ପରି ଦୋକାନ ଚାଲିଲାନି। ଝିଅମାନେ ବାହା ହୋଇଯିବା ପରେ ଯାହା କିଛି କରଜ ହୋଇଥିଲା ସେସବୁ ଶୁଝିବା ଚିନ୍ତାରେ ଘାରିହେଲେ କ୍ରିଷ୍ଟପଦ। ବଡ଼ପୁଅ ଗୋବିନ୍ଦ ମଜୁରି ଖଟି ବାପାଙ୍କ କରଜ ଶୁଝିଦେଲା ପରେ ଆଶ୍ୱସ୍ତି ହୋଇଥିଲେ ସେ। ଘରକୁ ବୋହୂ ଆଣି ଆରାମ କରିବା ବୟସରେ ରୋଗ ସାଜିଲା ପ୍ରତିବନ୍ଧକ। ହଠାତ୍ ତାଙ୍କର ଗୋଡ଼ ଦୁଇଟି ଅଚଳ ହୋଇ ପଡ଼ିଲା। ଅର୍ଥ ଅଭାବ ଯୋଗୁ ବାହାରକୁ ଚିକିତ୍ସା ପାଇଁ ଯାଇ ନ ପାରି ଦେଶୀ ଚିକିତ୍ସା କରିଥିଲେ । ସେଥିରୁ କୌଣସି ଉପଶମ ମିଳି ନ ଥିଲା। ଶେଷରେ ପରିବାର ଲୋକେ ଦୋକାନରେ ଯାହା ସବୁ ଜିନିଷ ଥିଲା ସେସବୁ ବିକ୍ରିକରି ତାଙ୍କ ଚିକିତ୍ସା କଲେ, ଭଲ ହେଲାନି। ସ୍ଥାନୀୟ ଅଞ୍ଚଳର କେତେଜଣ ସହୃଦୟ ବ୍ୟକ୍ତି କ୍ରିଷ୍ଟପଦଙ୍କୁ ସହାୟତା କରିବାକୁ ଯାଇ ୧୦ ହଜାର ଟଙ୍କା ଦେଲେ। ଖମାମସ୍ଥିତ ସରକାରୀ ହସ୍ପିଟାଲକୁ ସେମାନେ ଏକ ଗାଡି କରି ତାଙ୍କୁ ପଠାଇଦେଲେ। ସେଠାରେ କିଛିଦିନ ଚିକିତ୍ସିତ ହୋଇ ଫେରିବା ପରେ ମଧ୍ୟ ଗୋଡ଼ର ଯନ୍ତ୍ରଣା କମି ନ ଥିଲା। ଏବେ କ୍ରିଷ୍ଟପଦ ଯନ୍ତ୍ରଣା ଯୋଗୁ ଶୋଇପାରୁନାହାନ୍ତି କି ଚଲାବୁଲା ମଧ୍ୟ କରିପାରୁନାହାନ୍ତି। ରୋଜଗାର ନାହିଁ। ଘର ଚଳିବା କଷ୍ଟକର ହୋଇପଡୁଛି। ତାଙ୍କ ଗୋଡ଼ର ଉଚ୍ଚତର ଚିକିତ୍ସା ପାଇଁ ବହୁ ଅର୍ଥ ଲୋଡ଼ା। ଏପରି କ୍ଷେତ୍ରରେ ଯଦି ପ୍ରଶାସନ ତାଙ୍କୁ ଚିକିତ୍ସା ନେଇ ସହାୟତା କରନ୍ତା ତେବେ ସେ ଭଲ ହୋଇଯାଆନ୍ତେ। କ୍ରିଷ୍ଟପଦଙ୍କୁ ପ୍ରଶାସନ ସହାୟତା କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ମନ କିଣୁଛି ସାକୃବନ୍ଧା ଝୁଲା ବ୍ରିଜ୍

ଚିତ୍ରକୋଣ୍ଡା,୮।୧୨(ଡି.ଏନ.ଏ.)


ସାକୃବନ୍ଧା ଝୁଲା ବ୍ରିଜ୍।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ପଞ୍ଚାୟତରେ ଥିବା ସାକୃବନ୍ଧା ଝୁଲା ବ୍ରିଜ୍ ଏବେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଝୁଲା ବ୍ରିଜ୍ ଉପରେ ବୁଲିବା, ଏହା ତଳକୁ ଯାଇ ପ୍ରବାହିତ ନଦୀ ଓ ଝରଣାର ମଜା ନେବା, ସେଲ୍ଫି ନେବା,ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ସହିତ ବଣଭୋଜି ପାଇଁ ଏହି ସ୍ଥାନରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଯାନବାଇ ଛକରୁ ଅଳ୍ପ ଦୂର ଗଲେ ପଡେ ଏହି ସାକୃବନ୍ଧା ଝୁଲା ବ୍ରିଜ୍। ତେବେ ରାଲେଗାଡ଼ା ପଞ୍ଚାୟତକୁ ସଂଯୋଗ କରିବାକୁ ନିର୍ମାଣ କରାଯାଇଥିବା ଏହି ବ୍ରିଜ୍ ଏବେ ସମସ୍ତଙ୍କ ମନ କିଣୁଛି। ଜିଲା ପ୍ରଶାସନ ଏହି ଝୁଲା ବ୍ରିଜ୍‌ର ଚତୁଃପାର୍ଶ୍ୱକୁ ଅଧିକ ସୌନ୍ଦର୍ଯ୍ୟମୟ କରି ଗଢି ତୋଳିବାକୁ ପଦକ୍ଷେପ ନେଲେ ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥାନ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ଜୈବିକ ସାର ବ୍ୟବହାର ନେଇ ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି,୮।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ମହିଳା ଓ ପୁରୁଷ ଚାଷୀଙ୍କୁ ନେଇ ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଏହି ଅବସରରେ ମାଥିଲିର ଶତାଧିକ ଚାଷୀ ଜୈବିକ ସାର ବ୍ୟବହାର କରିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଜିଲା ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପୋଲାଭରମ ବିରୋଧୀ ସଂଗଠନ ସଭାପତି ପ୍ରଭାକର ରାଓ ହନ୍ତାଳ, ସର୍ବକୁମାର ବିଶୋୟୀ, ପରିଚାଳକ ଗଣେଶ ଚନ୍ଦ୍ର ମହାରଣା, ବୈଷୟିକ ପରାମର୍ଶଦାତା ସୁଶାନ୍ତ ସରକାର, କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ବିଧାନ ଚନ୍ଦ୍ର ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଗାମୀ ନିର୍ବାଚନ ଉପରେ ଗୁରୁତ୍ୱ


ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ସଦସ୍ୟମାନେ।

### ବ୍ଲକ୍ କଂଗ୍ରେସ କର୍ମୀ ସମ୍ମିଳନୀ

ପଟ୍ଟାଙ୍ଗୀ,୮।୧୨(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଡାକବଙ୍ଗଳାଠାରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏମ୍ପି ପ୍ରତିନିଧି ଅର୍ଜୁନ ବାଙ୍କାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ଚନ୍ଦ୍ରମା ସାନ୍ତା ଯୋଗଦେଇ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ କର୍ମୀମାନେ ନିଜ ପଞ୍ଚାୟତର ଲୋକମାନେ ଯେପରି ଉପକୃତ ହେବେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ରାଲେଗାଡ଼ାରେ ହେବାକୁ ଥିବା ଉପନିର୍ବାଚନ ଏବଂ କିଛି ମାସ ପରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ଯେପରି ବିଜୟୀ ହେବେ ସେଥିପ୍ରତି ଏବେଠାରୁ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ପଟ୍ଟାଙ୍ଗୀ ବ୍ଲକ କଂଗ୍ରେସ ସଭାପତି ନୃସିଂହନାଥ ବେହେରାଙ୍କ ଦେହାନ୍ତ ହେବା ପରେ ବର୍ତ୍ତମାନ ବ୍ଲକ ସଭାପତି ପଦ ଖାଲି ପଡିଛି। ଜଣେ ଯୁବ ସଙ୍ଗଠକଙ୍କୁ ସଭାପତି ରୂପେ ନିଯୁକ୍ତି ଦେବାକୁ ବୈଠକରେ କର୍ମୀମାନେ ଦାବି କରିଥିଲେ। ଉକ୍ତ ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ବିମଳା ପାଙ୍ଗୀ, ସେବା ଦଳର ସହ ସଙ୍ଗଠକ ଗୋବିନ୍ଦ ଖରା, ଗୁପ୍ତଶଙ୍କର ପଟ୍ଟନାୟକ, ସମ୍ପାଇ ସରପଞ୍ଚ ପିଲକ ଗୁଣ୍ଡା, ସାଧୁ ବାଙ୍କା, ଯୁବ କଂଗ୍ରେସ ସଭାପତି ଅଭି ଲବୁଡୁ ବାରିକ, ରାଜୀବ ଗାନ୍ଧୀ ଫାଉଣ୍ଡେଶନର ସଭାପତି ରବି ଖରା ପ୍ରମୁଖ ଉପସ୍ଥିତ ଥିଲେ।

# ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ଶେଷ

### ସ୍ୱାଭାବିକ ହେବ ସରକାରୀ ବସ୍ ଚଳାଚଳ

ଜୟପୁର,୮।୧୨(ନି.ପ୍ର.)

ଶହୀଦ ମାଓବାଦୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଓବାଦୀମାନେ ସପ୍ତାହେବ୍ୟାପୀ ପାଳନ କରୁଥିବା ପିଏଲ୍‌ଜିଏ ସପ୍ତାହ ମଙ୍ଗଳବାର ଶେଷ ହୋଇଛି । ବୁଧବାରଠାରୁ ଅବିଭକ୍ତ କୋରାପୁଟ ଜିଲାରେ ସରକାରୀ ବସ୍ ଚଳାଚଳ ସ୍ୱାଭାବିକ ହେବ। ମାଲକାନଗିରି ଜିଲା ସମେତ ଜୟପୁର-ରାୟଗଡ଼ା ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କ ଚଳଣି ସ୍ୱାଭାବିକ ହେବ । ପିଏଲ୍‌ଜିଏ ସପ୍ତାହ ପାଇଁ ଅବିଭକ୍ତ କୋରାପୁଟ ଜିଲାରେ ହାଇ ଆଲର୍ଟ ଜାରି କରାଯାଇଥିଲା। ଛତିଶଗଡ଼- ଆନ୍ଧ୍ର- ଓଡ଼ିଶାରେ ସୁରକ୍ଷା କର୍ମୀ ମାଓବାଦୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିଥିଲେ । ଅନ୍ୟପକ୍ଷରେ ଏହି ସପ୍ତାହ ପାଳନ ଅବସରରେ ମାଓବାଦୀ ସଙ୍ଗଠନକୁ ଶକ୍ତ ଧକ୍କା ଲାଗିଛି । ସପ୍ତାହର ପ୍ରଥମ ଦିନରେ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିକଟରେ ହାର୍ଡକୋର ମାଓବାଦୀ ରାମେ ମାଡକାମି ଆତ୍ମସମର୍ପଣ କରିଥିଲେ। ସେ କୋରାପୁଟ ଓ ମାଲକାନଗିରି ଜିଲାରେ ବିଭିନ୍ନ ହିଂସାରେ ଲିପ୍ତଥିଲେ । ସେ ମଧ୍ୟ ମାଓବାଦୀ ନେତା ଆର୍.କେ.ଙ୍କ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିଲେ । ରାଜ୍ୟ ସରକାର ପୂର୍ବରୁ ରାମେଙ୍କ ପାଇଁ ୪ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସଙ୍ଗଠନର ସଦସ୍ୟଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ରାମେ ସମାଜର ମୁଖ୍ୟ ସ୍ରୋତର ସାମିଲ ହେବା ପାଇଁ ଆତ୍ମ ସମର୍ପଣ କରିଥିଲେ । ସେହିପରି ରବିବାର ୧୨ ଜଣ ମିଲିସିଆ ମାଓବାଦୀ ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରର ଚିନ୍ତାପାଲି ଏଏସ୍‌ପି ବିଦ୍ୟାସାଗର ନାଇଡୁଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ପରିପ୍ରେକ୍ଷୀରେ ମାଓବାଦୀମାନେ ଲାଲବାହିନୀର ହାତ ଛାଡ଼ିବା ସଙ୍ଗଠନର ଦୁର୍ବଳତାକୁ ପଦାରେ ପକାଇଛି। ସୂଚନାଯୋଗ୍ୟ, ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ପାଇଁ ଅବିଭକ୍ତ କୋରାପୁଟ ଜିଲାରେ ୧୩ଟି ରୁଟ୍‌ରେ ୩୫ରୁ ଊର୍ଦ୍ଧ୍ୱ ସରକାରୀ ବସ୍ ଚଳାଚଳ ବନ୍ଦ ଥିଲା। ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିଲା।

# ଧୁରଭା ସମ୍ପ୍ରଦାୟକୁ ଆଦିବାସୀ ଜାତି ମାନ୍ୟତା ଦାବି

କୋରାପୁଟ,୮।୧୨(ସ୍ୱ.ପ୍ର.)


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଶହୀଦ ଗୁଣ୍ଡା ଧୁରଭା ଆଦିବାସୀ ସମାଜର ସଦସ୍ୟମାନେ।

କୋରାପୁଟ ଜିଲାର ବୈପାରିଗଡ଼ା, କୁନ୍ଦୁରା, କୋଟପାଡ୍ ବ୍ଲକରେ ପୁରୁଷ ପୁରୁଷ ଧରି ବାସ କରିଆସୁଥିବା ଧୁରଭା ସମ୍ପ୍ରଦାୟକୁ ପୁନର୍ବାର ଧାରୁଆ, ଧରବ, ଧୁରଭା ନାମରେ ଆଦିବାସୀ ଜାତିଗତ ପ୍ରମାଣପତ୍ର ଦେବା ଦାବିରେ ଶହୀଦ ଗୁଣ୍ଡା ଧୁରଭା ଆଦିବାସୀ ସମାଜ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ସଭାପତି ସୁଥୁ ନାୟକ ଓ ସମ୍ପାଦକ ଜଗବନ୍ଧୁ ଧୁରଭାଙ୍କ ନେତୃତ୍ୱରେ ଦାଶରଥି ଧୁରଭା, ମୁକୁନ୍ଦ ଧୁରୁଆ, ରାଇଧର ଧୁରବା, ପଦଲାମ ଧୁରୁଆ, ସଦର ଦୁରୁଆ, ଧନିରାମ ଦୁରୁଆ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ କିଛି ସମୟ ଧାରଣା ଦେଇ ପରେ ଦାବିପତ୍ର ଦେଇଥିଲେ। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ଧୁରଭା ସମାଜକୁ ଆଦିବାସୀ ମାନ୍ୟତା ଦେବାକୁ ୧୪ ଜାନୟାରୀ ୧୯୯୨ରେ ସରକାରଙ୍କ ପାଖରେ ଦାବି କରାଯାଇଥିଲା। କେନ୍ଦ୍ର ସରକାର ସେମାନଙ୍କ ଆବେଦନପତ୍ରର ତଦନ୍ତକରି ୨୦୦୨ ଜୁଲାଇ ୨୦ରେ ଧୁରୁଆ ଆଦିବାସୀଙ୍କୁ ଜାତିଗତ ସ୍ୱୀକୃତି ପ୍ରଦାନ କରିଥିଲେ । ତେବେ କେତେଜଣ ଲୋକ ପ୍ରଶାସନକୁ ବିଭ୍ରାନ୍ତ କରି ଭୁଲ୍ ଦାବି ଉପସ୍ଥାପନ କରିବାରୁ ଏହି ମାନ୍ୟତା ୨୦୧୩ ଜୁନ ୨୯ରେ ସରକାର ପ୍ରତ୍ୟାହାର କରି ନେଇଥିଲେ। ଫଳରେ ଏହି ଜାତିର ଲୋକେ ସେବେଠାରୁ ସରକାରଙ୍କ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛନ୍ତି। ଏହି ଜାତିକୁ ପୁନର୍ବାର ଆଦିବାସୀ ଜାତିର ମାନ୍ୟତା ଦେବାକୁ ଆଦିବାସୀ ସମାଜ ଦାବିପତ୍ରରେ ଉଲ୍ଲେଖ କରିଛି। ଡିସେମ୍ବର ୨୦ ସୁଦ୍ଧା ଏ ଦିଗରେ ନିଷ୍ପତ୍ତି ନିଆ ନ ଗଲେ ୨୦୨୧ ଜାନୁୟାରୀ ୮ ତାରିଖରୁ କୁନ୍ଦୁରା ବ୍ଲକରେ ପଦଯାତ୍ରା କରି ଆନ୍ଦୋଳନ କରାଯିବ ବୋଲି ଧୁରୁଭା ସମାଜ ପକ୍ଷରୁ କୁହାଯାଇଛି।

# ସଂଘ କର୍ମକର୍ତ୍ତାଙ୍କ ମନମୁଖୀ କାର୍ଯ୍ୟ ନେଇ ଅଭିଯୋଗ ଆଣିଲେ ଶିକ୍ଷୟିତ୍ରୀ ଶିକ୍ଷକ

ମାଲକାନଗିରି,୮।୧୨ (ଡି.ଏନ୍.ଏ.)


ଅଭିଯୋଗ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବହୁ ବର୍ଷ ପୂର୍ବରୁ ଦୁଇଭାଗ ହୋଇ ଗୋଟିଏ ଭାଗ ହରିପୁର ରୋଡ, କଟକ ଏବଂ ଅନ୍ୟଟି ଭୁବନେଶ୍ୱର ଖାରବେଳ ନଗର ନାମରେ କାର୍ଯ୍ୟ କରୁଛି। କୌଣସି କାରଣରୁ ଏହି ସଂଘରେ ମତାନ୍ତର ଯୋଗୁ କର୍ମକର୍ତ୍ତାମାନେ ହାଇକୋର୍ଟର ଦ୍ୱାରସ୍ଥ ହେବା ପରେ ହାଇକୋର୍ଟ ଭୁବନେଶ୍ୱର ଖାରବେଳ ନଗର ସଂଘରୁ ସ୍ୱୀକୃତି ପ୍ରତ୍ୟାହାର କରି ନେଇ କେବଳ କଟକ ହରିପୁରରୋଡସ୍ଥିତ ଗୋଟିଏ ସଂଘ ରାଜ୍ୟରେ କାର୍ଯ୍ୟ କରିବ ବୋଲି ରାୟ ଦେଇଥିଲେ। ସେହି ଅନୁସାରେ ସଂଘର ସମ୍ବିଧାନ ଅନୁଯାୟୀ ରାଜ୍ୟ ଏବଂ ଜିଲାରେ ସଂଘ ପରିଚାଳିତ ହେଉଛି। ମାତ୍ର ମାଲକାନଗିରି ଜିଲାରେ ପରିଚାଳିତ ସଂଘର ୨୦୧୬ରେ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ତେବେ ନିର୍ବାଚନ ପରେ ୧୪।୭୨୦୧୬ରେ ସଭାପତି ଓ ସମ୍ପାଦକଙ୍କ ବଦଳି ହୋଇଯାଇଥିଲା। ୬ମାସ ପରେ ୨୦୧୭ରେ ଏକ ଉପନିର୍ବାଚନ ହୋଇଥିଲା। ଏଥିରେ ସଭାପତି, ଉପସଭାପତି ୨ବର୍ଷ ପାଇଁ ସର୍ବସମତିକ୍ରମେ ମନୋନୀତ ହୋଇଥିଲେ। ଏବେ ସେମାନଙ୍କ କାର୍ଯ୍ୟକାଳ ୨୦୧୯ରୁ ଶେଷ ହୋଇଛି। ସେମାନଙ୍କ କାର୍ଯ୍ୟ ଅବଧି ଶେଷର ମାସକ ପୂର୍ବରୁ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହେବା କଥା । ମାତ୍ର ସାଢେ ୩ବର୍ଷ ପରେ ତତ୍କାଳୀନ ସଭାପତି ଇସ୍ତଫା ଦେଇଥିଲେ। ୬ମାସ ସଭାପତି ଦାୟିତ୍ୱରେ ଉପସଭାପତି ରହିଥିଲେ। ସେହି ସମୟରେ ୪ଜଣ କର୍ମକର୍ତ୍ତା ଜଣେ ଉପଦେଷ୍ଟାଙ୍କୁ ବେଆଇନ ଭାବେ ସଭାପତି କରିଥିଲେ। ଏନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କର୍ମକର୍ତ୍ତାମାନେ କୋଭିଡ୍-୧୯ ଆଳରେ ନିର୍ବାଚନ କରାଇ ଦେଉନାହାନ୍ତି ବୋଲି ମଙ୍ଗଳବାର ୧ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଯୋଗ କରିଛନ୍ତି। ବର୍ତ୍ତମାନ କର୍ମକର୍ତ୍ତାମାନେ ସଭ୍ୟ ସଂଗ୍ରହ ବାହାନାରେ ନିର୍ବାଚନକୁ ଘୁଞ୍ଚେଇ ଚାଲିଛନ୍ତି। ପୂର୍ବତନ ସଭାପତି ଗୌରିଶ୍ୟାମ ମହାନ୍ତି, ଅଜୟ କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ଗୁରୁପଦ ସରକାର, ପୂର୍ବତନ ସଭାପତି ଦେବରାଜ ସାହୁ, ପୂର୍ବତନ ସମ୍ପାଦକ ବାଲାରାଜୁ ପାଢୀ, ନନିଗୋପାଳ ମଲ୍ଲିକ, ପ୍ରଶାନ୍ତ ସାମନ୍ତରାୟ, ରଞ୍ଜନ ମଣ୍ଡଳ, ରାମପ୍ରସାଦ ପାଢୀ, ଇର୍ମା ପଡିଆମି, ଉତ୍ତମ ସମାଦାର ପ୍ରମୁଖ ଏହି ଅଭିଯୋଗ ଆଣିଛନ୍ତି।

ଧରିତ୍ରୀ
DHARITRI
ରାୟଗଡା, ବୁଧବାର, ଡିସେମ୍ବର ୯, ୨୦୨୦



**ସଂକ୍ଷେପରେ**

## ପୋଲିସ ଭଳି ଗୃହରକ୍ଷୀଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ: ଏସ୍‌ପି



କୋରାପୁଟ,୮।୧୨(ସ୍ୱ.ପ୍ର.)- ପୋଲିସ ଭଳି ହୋମଗାର୍ଡ ମଧ ଜନସାଧାରଣଙ୍କ ଆସ୍ଥା ଭାଜନ ହେବା ଉଚିତ ବୋଲି ସ୍ଥାନୀୟ ପୋଲିସ ପଡିଆଠାରେ ଆୟୋଜିତ ୫୮ ତମ ସର୍ବଭାରତୀୟ ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି। ଏହି ଅବସରରେ ଭାମୁ ଗୃହରକ୍ଷୀ ପତାକା ଉତ୍ତୋଳନ କରିବା ସହ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ୧୯୬୨ରେ ଚିନ ଓ ଭାରତ ମଧରେ ଚାଲିଥିବା ଯୁଦ୍ଧ ଏବଂ ମୁମ୍ବାଇ ଦଙ୍ଗା ଘଟଣାକୁ ଦୃଷ୍ଟିରେ ରଖି ସେତେବେଳେ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା କରାଯାଇଥିଲା । ଏହା ବର୍ତ୍ତମାନ ସୁଦ୍ଧା ଦେଶର ସମସ୍ତ ଅଞ୍ଚଳରେ ପୋଲିସ ସହିତ କାର୍ଯ୍ୟ କରି ଜନସାଧାରଣଙ୍କ ଧନଜୀବନ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହରକ୍ଷୀ ଡିଜିଙ୍କ ଠାରୁ ଆସିଥିବା ବାର୍ତ୍ତା ପାଠ କରିଥିଲେ । ନିକଟରେ କରୋନାରୁ ସୁସ୍ଥ ହୋଇ ନିଜର ପ୍ଲାଜମା ଦାନ କରିଥିବା ହୃଷିକେଶ ଖାଡଙ୍ଗାଙ୍କୁ ଏସପି ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ଆଇଆରବି , ଓଏସଏପି ତୃତୀୟ ବାଟାଲିୟନର ଦୁର୍ଗପତିଙ୍କ ସହ ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଲୋକଗୀତ ପୁସ୍ତକ ଲୋକାର୍ପିତ

ନବରଙ୍ଗପୁର,୮।୧୨(ବି.ପ୍ର.)- ନବରଙ୍ଗପୁରର ଲେଖିକା ଜେମାମଣି ବିଶୋୟୀଙ୍କ ମହିଳା ଓ ଶିଶୁ ସମ୍ପର୍କିତ ଲୋକଗୀତ ପୁସ୍ତକ ଲୋକାର୍ପିତ ହୋଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ସ୍ଥାନୀୟ କୁଞ୍ଜବିହାରି ପାଠାଗାରଠାରେ ସାହିତ୍ୟିକ ତଥା ନିଗମାନନ୍ଦ ଆଶ୍ରମର ସଭାପତି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡମ୍ବରୁ ଧର ମାଝି ଯୋଗଦେଇ ଆଦିବାସୀ ଭାଷା ସାହିତ୍ୟ ଓ ଅନୁବାଦ ଉପରେ ଲେଖା ଆବଶ୍ୟକ ରହିଥିବା କହିଥିଲେ। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହିଳା ଓ ଶିଶୁଙ୍କ ଉଦ୍ଦେଶ୍ୟରେ ଜେମାମଣି ଗୀତ ଲେଖନ୍ତି। ଲେଖକ ତଥା ସାହିତ୍ୟ ଗବେଷକ ରଞ୍ଜନ ମହୁରିଆ ପୁସ୍ତକର ସମୀକ୍ଷା କରିଥିଲେ । ପୁସ୍ତକରେ ଅବିଭକ୍ତ କୋରାପୁଟ ଜିଲାରେ ରହିଥିବା ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବରେ ଲୋକଗୀତରର ଭାବ ସ୍ଥାନୀତ ହୋଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାର ସାହିତ୍ୟ ଏକାଡେମୀ ସଦସ୍ୟ ଡମ୍ବରୁଧର ପଟ୍ଟନାୟକଙ୍କ ସମେତ ଜିଲାର ୫୦ରୁ ଉର୍ଦ୍ଧ ସାହିତ୍ୟିକା ଓ ସାହିତ୍ୟିକ ଉପସ୍ଥିତ ରହି କବିତା ପାଠ କରିଥିଲେ।

# କୃଷି ଆଇନ ବିରୋଧରେ ରାଜରାସ୍ତାରେ ଚାଷୀ

ନବରଙ୍ଗପୁର/ରାଇଘର/ ଡାବୁଗାଁ/ ତେନ୍ତୁଲିଖୁଣ୍ଟି/କୋଡ଼ିଙ୍ଗା/ଚନ୍ଦାହାଣ୍ଡି, ୮।୧୨(ବି.ପ୍ର./ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ କେନ୍ଦ୍ରୀୟ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରାକୁ ନବରଙ୍ଗପୁର ଜିଲାରେ ସମର୍ଥନ ମିଳିଛି। ଏହି ସମୟରେ ଦୋକାନ, ବଜାର ସମେତ ଯାତ୍ରୀବାହୀ ଓ ମାଲବାହି ଗାଡ଼ି ଚଳାଚଳ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବନ୍ଦ ପାଳନକୁ ଜାତୀୟ କଂଗ୍ରେସ ଦଳ ଓ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ନବରଙ୍ଗପୁର ଶାଖା ନେତୃତ୍ୱରେ ଜିଲାର ୭ ସଙ୍ଗଠନ ସମର୍ଥନ କରିଥିଲେ। ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ନବରଙ୍ଗପୁର ଶାଖାର ସଭାପତି ଦିବାକର ପୂଜାରୀ ନୂତନ କୃଷି ଆଇନକୁ ବିରୋଧ କରି ଜାତୀୟ ରାଜପଥ ଏବଂ ବିଭିନ୍ନ ଛକରେ କେନ୍ଦ୍ର ବିରୋଧି ସ୍ଲୋଗାନ ଦେଇଥିଲେ। ଆନ୍ଦୋଳନରେ ଚନ୍ଦ୍ରଧ୍ୱଜ ମାଝି, ଭଗବାନ ବୈରାଗୀ, ନରହରି ନାୟକ, ଉମାଶଙ୍କର ସାଙ୍ଗନା, ଶିବଚନ୍ଦ୍ର ନାଗ, ସନରାଜ ଗଣ୍ଡ, ମଦନ ମୋହନ ମାଝିଙ୍କ ସମେତ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ସଦନ ନାୟକ, ପିସିସି ସଭ୍ୟ ଦିଲୀପ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, କୁନା ପାଢୀ, ଲାଲୁ ତ୍ରିପାଠୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।



ନବରଙ୍ଗପୁରରେ ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

ରାଇଘର ବ୍ଲକ୍ ସଦରଠାରେ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ବିରୋଧରେ ୨ହଜାରରୁ ଉର୍ଦ୍ଧ୍ୱ ଚାଷୀ କଳସୀ ମନ୍ଦିର ନିକଟରୁ ଏକ ବାଇକ୍ ଶୋଭଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଅନୁଷ୍ଠିତ ସଭାରେ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଚାଷୀ ସଂଘର ସଭାପତି ସଣ୍ଡରାଜ ଗଣ୍ଡ, ଟପିରାମ ନାୟକ, ଯତୀନ୍ଦ୍ର ନାଥ ଗଣ୍ଡ, ଶ୍ରୀରାମ ସୁନାନୀ, ମୁନାରୂପ ଚାନ୍ଦ, କମଳ ବଛାରଙ୍କ ସମେତ ଚାଷୀ ସଂଘର କର୍ମକର୍ତ୍ତା, ରାଇଘର କଂଗ୍ରେସର ବହୁ ନେତା ଓ କର୍ମକର୍ତ୍ତା ସାମିଲ ଥିଲେ।

ଡାବୁଗାଁ ବ୍ଲକ୍ କଂଗ୍ରେସ ପକ୍ଷରୁ ଚକା ବନ୍ଦ କରାଯାଇଥିଲା। କିନ୍ତୁ ଡାବୁଗାଁ ସଦରଠାରେ ଦୋକାନ, ବଜାର ଖୋଲା ରହିଥିଲା। କଂଗ୍ରେସ କର୍ମୀ ନବରଙ୍ଗପୁର-ଉମରକୋଟ ମୁଖ୍ୟରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଏଥିରେ ବ୍ଲକ୍ କଂଗ୍ରେସ ସଭାପତି ଜି. ସାଇରାଜୁ, ଡାବୁଗାଁ ବ୍ଲକ୍ ଅଧ୍ୟକ୍ଷ ବଂଶୀଧର ମାଝି, ବାବି ଜେନା, ଟି. ମୁରଲି ରାଓ, ରାମେଶ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଚାଷୀଙ୍କ ସହ କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ବାଇକ୍ ଶୋଭଯାତ୍ରାରେ ବାହାରିଥିଲେ। ବ୍ଲକ୍‌ର ଅଞ୍ଚଳଗୁମ୍ମା, ଖାତଗୁଡ଼ାରେ ମଧ ବନ୍ଦକୁ ସମର୍ଥନ ମିଳିଥିଲା। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ୍, ପୂର୍ବତନ ସରପଞ୍ଚ ଦିଲୀପ ପାଣିଗ୍ରାହୀ, ବି. ପଟ୍ଟନାୟକ, ଜିଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଅଖିଳ ଭତ୍ରା, ଅଜୟ ହିଆଲଙ୍କ ସମେତ ଶତାଧିକ ଚାଷୀ ଓ କଂଗ୍ରେସ କର୍ମୀ ସାମିଲ ଥିଲେ।

କୋଡ଼ିଙ୍ଗାଠାରେ କୃଷକ ସଙ୍ଗଠନ ସମେତ କଂଗ୍ରେସ ଏବଂ ବିଭିନ୍ନ ଟ୍ରେଡ୍ ୟୁନିୟନ ବନ୍ଦ ପାଳନରେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ପିକେଟିଂ କରିବା ଦେଖିବାକୁ ମିଳିଥିଲା। ଏଥିରେ କଂଗ୍ରେସ ନେତା ଧରମ ସିଂ, ବିଭୂ ପାଢ଼ୀ, ବାବୁଲି ବାଘ, ପଦ୍ମସାଇ ମାଳି, ମୁନା ଖାନ୍, ବୁଦୁରାମ ନାଏକ ଅଂଶଗ୍ରହଣ ସାମିଲ ଥିଲେ।

ଚନ୍ଦାହାଣ୍ଡି ବ୍ଲକ୍‌ରେ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପିସିସି ସମ୍ପାଦକ କ୍ଷମରାଜ ବାଘଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। କୃଷି ଆଇନ ଚାଷୀଙ୍କ ପ୍ରତି ବଡ଼ ଅନ୍ୟାୟ ବୋଲି ଦଳ ପକ୍ଷରୁ ନାରାବାଜି ଦିଆଯାଇଥିଲା। ପୂର୍ବତନ ପିସିସି ସମ୍ପାଦକ ବାଘ ୱାନ୍ ନେଶନ ୱାନ୍ ଅରଗାଇନେଜେଶନ ଏକ ପ୍ରହସନ ବୋଲି କହିଥିଲେ। ବନ୍ଦ ପାଳନରେ ଦଳର ସନ୍ତୋଷ ପଟ୍ଟନାୟକ, ଶ୍ରୀବସ୍ତ ପଣ୍ଡା, ଜଗଦୀଶ ବାଘ, ବନମାଳୀ ବାଘ, ମଳୟ ସୁନା, ଡମରୁ ହେରନା ପ୍ରମୁଖ ସାମିଲ ଥିଲେ।

# ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଗୋଚର ଜମିରେ ବେଆଇନ ନିର୍ମାଣ**

ବିଷମକଟକ,୮।୧୨

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଡୁକୁମ୍ ଗ୍ରାମ ହାଟପଦା ଓ ନାରୀଙ୍ଗପଙ୍ଗା ଅଞ୍ଚଳରେ ଗୋଚର ଜମି ଜବରଦଖଲ ବିରୋଧରେ ଏକାଠି ହୋଇଛନ୍ତି ଡୁକୁମ୍ ପଞ୍ଚାୟତବାସୀ। ଗାଁର ୫୦ରୁ ଉର୍ଦ୍ଧ୍ୱ ଲୋକ ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନାଙ୍କୁ ଭେଟି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଗୋଚର ଜମିରେ ଜବରଦଖଲ କରି ବେଆଇନଭାବେ କରାଯାଇଥିବା ନିର୍ମାଣକୁ ଉଚ୍ଛେଦ କରିବା ପାଇଁ ଦାବି କରାଯାଇଛି। ଏନେଇ ଗ୍ରାମବାସୀ ପୂର୍ବରୁ ମଧ ଅଭିଯୋଗ କରିଥିଲେ। ବିଷମକଟକ ତହସିଲଦାର ଉକ୍ତ ଅଞ୍ଚଳର ଆର୍‌ଆଇଙ୍କୁ ଘଟଣାର ରିପୋର୍ଟ ମାଗିବା ସହ ନିଜେ ଅଞ୍ଚଳ ପରିଦର୍ଶନ କରି ଉକ୍ତ ସ୍ଥାନରେ ଚାଲୁ ରହିଥିବା ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ସେଠାରେ ନାଲି ପତାକା ପୋତିଥିଲେ। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଯେ, ଅଞ୍ଚଳରେ ଗୋଚର ଜମିରେ ଜବରଦଖଲ ଯୋଗୁ ଗୃହପାଳିତ ପଶୁଙ୍କ ପାଇଁ ଅସୁବିଧା ହେଉଛି। ଉକ୍ତ ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ତହସିଲଦାରଙ୍କ ଠାରେ ଦାବି କରିଥିଲେ। ସ୍ଥାନୀୟ ସରପଞ୍ଚ କିରଣ କୁମାର ସାରକା ଗୃହପାଳିତ ପଶୁଙ୍କ ପାଇଁ ଅନ୍ୟତ୍ର ଚରା ଜମିର ବ୍ୟବସ୍ଥା କରି ସମସ୍ୟାର ସମାଧାନ ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ତେବେ ଉକ୍ତ ଗୋଚର ଜମିରେ ଦୀର୍ଘଦିନ ଧରି ପ୍ରାୟ ୬୫ ଦଳିତ ପରିବାର ଗୃହ ନିର୍ମାଣ କରି ରହୁଛନ୍ତି। ନିକଟରେ ନୂତନ ଭାବେ ଉତ୍କଳ ପାଣି, ଗୀତା ହିଆଲ, ମିଥୁନ କନ୍ଧପାଣି, ବିକ୍ରମ କନ୍ଧପାଣି, ନକୁଳ ବାଗ, ଅନି ବାଗ ଗୃହ ନିର୍ମାଣ କରୁଥିବାବେଳେ ନିର୍ମାଣ କାର୍ଯ୍ୟକୁ ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନା ଏବଂ ବିଷମକଟକ ରାଜସ୍ୱ ବିଭାଗ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଥିବା ସୂଚନା ରହିଛି । ତେବେ ଗ୍ରାମବାସୀ ସେଠାରୁ ସମସ୍ତଙ୍କୁ ଉଚ୍ଛେଦ କରାଯାଉ ବୋଲି ଦାବିକରି ନିକଟରେ ରାୟଗଡ଼ା ଉପଜିଲାପାଳଙ୍କୁ ଭେଟିଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ବିଷମକଟକ ତହସିଲଦାର କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ କାମ ବନ୍ଦ କରାଯିବା ସହ ତାଗିଦ କରାଯାଇଛି। ତଦନ୍ତ କରାଯାଇ ଜବରଦଖଲକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

# ଟୋକେନ ଦାବିରେ ଧାରଣାରେ ବସିଲେ ଚାଷୀ



ଧାରଣାରେ ବସିଥିବା ଚାଷୀ

ଗୁଣପୁର,୮।୧୨(ଡି.ଏନ୍.ଏ)

ରାୟଗଡା ଜିଲା ରାମନାଗୁଡା ବ୍ଲକ୍ ଲ୍ୟାମ୍ପ୍‌ସ ସମ୍ମୁଖରେ ମଙ୍ଗଳବାର ଚାଷୀମାନେ ଟୋକନ ଦାବିରେ ଧାରଣାରେ ବସିଥିଲେ। ଲ୍ୟାମ୍ପ୍‌ସ ଏମ୍‌ଡି ବିସିକେଶନ ରଥ ଚାଷୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ହଟିଥିଲେ। ଟୋକନ ପାଇ ନ ଥିବାରୁ ଧାନ ବିକ୍ରି କରିପାରି ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଜୁଲାଇ ମାସରୁ ଚାଷୀମାନେ ପଞ୍ଜୀକରଣ କରିଥିଲେ ମଧ ଏ ପର୍ଯ୍ୟନ୍ତ ଟୋକନ ମିଳି ନ ଥିବା ସେମାନେ କହିଛନ୍ତି। ଏହାକୁ ନେଇ ମଙ୍ଗଳବାର ଚାଷୀମାନେ ରାମନାଗୁଡା ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ତହସିଲଦାର ଚାଷୀଙ୍କ ନାମ ଯୋଗାଣ ବିଭାଗକୁ ପଠାଇଥିବା କହିଥିଲେ। ଏହାପରେ ଚାଷୀମାନେ ଯୋଗାଣ ବିଭାଗ ସହ ଯୋଗାଯୋଗ କରିଥିଲେ। ଏହି ସମୟରେ ଚାଷୀ ଏବଂ ଯୋଗାଣ ବିଭାଗ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଚାଷୀମାନେ ଲ୍ୟାମ୍ପ୍‌ସରେ ତାଲା ପକାଇ ଧାରଣାରେ ବସିଥିଲେ। ତେବେ ଟୋକନ ଆସିଲେ ଧାନ କ୍ରୟ କରାଯିବ ବୋଲି ଲ୍ୟାମ୍ପ୍‌ସ ଏମ୍‌ଡି ଚାଷୀଙ୍କୁ ବୁଝାଇଥିଲେ।

## ଝରିଗାଁରେ ଧାନମଣ୍ଡି ଆରମ୍ଭ

ଝରିଗାଁ,୮।୧୨(ସ୍ୱ.ପ୍ର)–

ନବରଙ୍ଗପୁର ଜିଲା ଝରିଗାଁ ଆରଏମ୍‌ସି ଗୋଦମଠାରେ ଚଳିତ ଖରିଫ ବର୍ଷ ସକାଶେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଏବଂ ସମ୍ମାନୀତ ଅତିଥିଭାବେ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧରୁଆ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ରାମଧର ମାଝି, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ବ୍ଲକ୍ କୃଷି ଉପଦେଷ୍ଟା କମିଟି ଅଧ୍ୟକ୍ଷ ଟିକଚାନ୍ଦ ମାଝି, ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ସରପଞ୍ଚ ଏ. ପୂଜାରୀ, ଲ୍ୟାମ୍ପ୍‌ସ ଏମ୍‌ଡି ନରସିଂହ ଗୌଡ ସେହିପରି ଆରଏମ୍‌ସିର ପ୍ରଶାନ୍ତ ରାଏ ଯୋଗଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ଝରିଗାଁ ବ୍ଲକ୍‌ର ୨୩ ପଞ୍ଚାୟତର ଚାଷୀଙ୍କ ସକାଶେ ୬ଗ୍ରାମରେ ମଣ୍ଡି ଖୋଲିଛି।

# ଗ୍ରାମବାସୀଙ୍କ ସମସ୍ୟା ବୁଝିଲେ ଏମ୍‌ପି, ବିଧାୟକ

ଚନ୍ଦାହାଣ୍ଡି,୮।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ମଙ୍ଗଳବାର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଗସ୍ତକରି ଜନସାଧାରଣଙ୍କ ସମସ୍ୟା ବୁଝିବା ସହ ସମାଧାନ ପାଇଁ ପ୍ରତିଶୃତି ଦେଇଛନ୍ତି। ପ୍ରଥମେ ଏମ୍‌ପି ଓ ବିଧାୟକ ଦଣ୍ଡାମୁଣ୍ଡା କ୍ଷୁଦ୍ର ଜଳସେଚନ ପୋଖରୀ ପରିଦର୍ଶନ କରିଥିଲେ। ପୋଖରୀରେ ଦଳ ଭର୍ତ୍ତି ହୋଇଥିବାରୁ ଲୋକଙ୍କ କାମରେ ଲାଗୁନାହିଁ। ତେଣୁ ଏହାର ପୁନରୁଦ୍ଧାର ସହ ତୁଠ ନିର୍ମାଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଦୁହେଁ ଦଳବେଡ଼ା ପଞ୍ଚାୟତର ଦୁର୍ଗମ ଅଞ୍ଚଳ କାସିପାଣି, ପାରିଧିପଡ଼ା, କଛାରପଡ଼ା, ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ନଳକୂପ, ଆବାସ ଗୃହ, ଭତ୍ତା, ଦଳବେଡାଠାରୁ କାସିପାଣି ରାସ୍ତା ନିର୍ମାଣ, କାସିପାଣି ଓ ପାରିଧିପଡା ମଝିରେ କଲଭର୍ଟ ନିର୍ମାଣ, କଛାରପଡା ଠାରୁ ବନାମହୁଲ ରାସ୍ତା ନିର୍ମାଣ, ଚାଷ ଜମିକୁ ଜଳସେଚନ ନିମନ୍ତେ ଗ୍ରାମବାସୀଙ୍କ କରିଥିବା ଅନୁରୋଧ ତୁରନ୍ତ କାର୍ଯକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗସ୍ତ ସମୟରେ ବ୍ଲକ୍ ସଭାପତି ଗୌରହରି ନାୟକ, ବିଜେଡି ନେତା ପୁରୁଷୋତ୍ତମ ପାରି, ବଳରାମ ପଟ୍ଟନାୟକ, କମଲୁ ମନହୀରା, ପର୍ଶୁରାମ ବାଘ, ମହେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍‌ପି ଏବଂ ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

# ୪ ପରିବାରକୁ ସମାଜରୁ ବାସନ୍ଦ କଲା ଗାଁ କମିଟି

ଉମରକୋଟ,୮।୧୨(ସ୍ୱ.ପ୍ର.)–

ପ୍ରଥମେ ରୋଜଗାର ନିମନ୍ତେ ଦୋକାନ କରିବା ପାଇଁ ଅନୁମତି ମାଗିବା ପରେ ଉକ୍ତ ସରକାରୀ ଜାଗାକୁ ଜବରଦଖଲ କରି ଗାଁ କମିଟି ଦ୍ୱାରା ୪ ପରିବାର ବାସନ୍ଦ ହୋଇଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ସୁନାବେଡ଼ା ପଞ୍ଚାୟତର ୟୁଭି ୧୧ ନାୟକଗୁଡ଼ା ଗାଁରୁ ଆସିଛି ଏପରି ଅଭିଯୋଗ। ସୂଚନା ଅନୁଯାୟୀ, ଗାଁର ପରିତୋଷ ମଣ୍ଡଳ, ଗୌତମ ମଣ୍ଡଳ, ବିରେନ୍ ମଣ୍ଡଳ, ଦିପକ ହାଲଦାରଙ୍କ ପରିବାର ୮ବର୍ଷ ହେଲା ଦୋକାନ କରି ପରିବାର ଚଳାଉଥିଲେ। ଶିବ ମନ୍ଦିରର କିଛି ସରକାରୀ ସ୍ଥାନରେ ଉଠା ଦୋକାନ କରିବା ପାଇଁ ଗାଁ କମିଟିକୁ ଅନୁମତି ମାଗି ଦେକାନ କରିଥିଲେ। ପରେ ଉକ୍ତ ସରକାରୀ ଜାଗାକୁ ଜବରଦଖଲ କରିବାକୁ ଚେଷ୍ଟା କରିଥିଲେ। ଗାଁ କମିଟି ଏହାକୁ ବାରଣକରି ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ବୈଠକ ଡକାଇ ଉକ୍ତ ୪ ଦୋକାନୀଙ୍କୁ ଜାଗା ଖାଲି କରିବାକୁ କହିଥିଲେ। ଦୋକାନୀମାନେ ୧୦ଦିନ ମଧ୍ୟରେ ଦୋକାନ ଖାଲି କରିବାକୁ ଲିଖିତ ସହମତି ଜଣାଇଥିଲେ। କିନ୍ତୁ ସ୍ଥାନ ଛାଡ଼ି ନ ଥିଲେ। ତେଣୁ ଗାଁ କମିଟି ପକ୍ଷରୁ ଦୋକାନ ଗୃହ ଭାଙ୍ଗିବା ସହ ସେମାନଙ୍କୁ ସାମାଜିକ ବାସନ୍ଦ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନଭେମ୍ବର ୧୧ରେ ଉମରକୋଟ ଥାନାରେ ପରିତୋଷ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ତହସିଲଦାର ପହଞ୍ଚି ତଦନ୍ତ କରିବା ସହ ଆପୋଷ ବୁଝାମଣା କରାଇଥିଲେ। ଏବେ ୪ ପରିବାରକୁ ବାସନ୍ଦ କରାଯାଇଥିବା କୁହାଯାଇଛି। ଗ୍ରାମବାସୀ ସହଯୋଗ କଲେ ୧ହଜାର ଟଙ୍କା ଜରିମାନା ଏବଂ ବାସନ୍ଦ କରାଯିବ ବୋଲି ଘୋଷଣା କରାଯାଇଛି। ୩୦ ହଜାର ଦେଲେ ସାମାଜରେ ସାମିଲ କରାଯିବ ବୋଲି କମିଟି କହିଛି। କମିଟି ସଭାପତି ସାମାଜିକ ବାସନ୍ଦକୁ ସ୍ୱୀକାର କରିଥିଲେ ମଧ ସାମାଜିକ ଅଧିକାରରୁ ବଞ୍ଚିତ କରାଯାଇନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବାସନ୍ଦ ନେଇ ତହସଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉଭୟ ପକ୍ଷଙ୍କୁ ଆସ ୧୦ତାରିଖରେ ଡକାଯାଇ ସମାସ୍ୟାର ସମାଧାନ କରାଯିବ ବୋଲି ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି କହିଛନ୍ତି।

# ରାୟଗଡ଼ା ଜିଲାରେ ବନ୍ଦକୁ ସମର୍ଥନ

ରାୟଗଡ଼ା ଅଫିସ/ଗୁଣପୁର/ ବିଷମକଟକ/ ଚନ୍ଦ୍ରପୁର/ମୁନିଗୁଡ଼ା,୮।୧୨ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଉଚ୍ଛେଦ ଦାବିରେ କୃଷକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ପାଳନ ରାୟଗଡ଼ା ଜିଲାରେ ସଫଳ ହୋଇଛି। ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘର ସଭାପତି ଗଙ୍ଗାଧର ନାୟକଙ୍କ ନେତୃତ୍ୱରେ ଶାଖା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ରାୟଗଡ଼ା ସହରର କପିଳାସ ଛକ ସମେତ ଜେକେପୁରଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ବିଭିନ୍ନ ରାଜନୈତିକ ଦଳ ମଧ ରାଜରାସ୍ତାକୁ ଓହ୍ଲାଇଥିଲେ। ବିଭିନ୍ନ ସ୍ଥାନରୁ ଆସୁଥିବା ଟ୍ରକ୍‌ଗୁଡ଼ିକୁ କପିଳାସ ଛକରେ ଅଟକାଇ ରଖାଯାଇଥିଲା। ସେହିପରି ସମସ୍ତ ଦୋକାନ, ବଜାର, କାର୍ଯ୍ୟାଳୟ ବନ୍ଦ ରହିଥିଲା। ସରକାର ଶୀଘ୍ର ନୂତନ ଆଇନ ପ୍ରତ୍ୟାହାର ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚାଷୀ ନେତାମାନେ କହିଛନ୍ତି। ସେହିପରି ଜିଲାର ଗୁଣପୁରଠାରେ ବିଭିନ୍ନ ସଙ୍ଗଠନର ଶତାଧିକ କର୍ମୀ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ବନ୍ଦ ପାଳନ କରିଥିଲେ। ସିପିଆଇଏମ୍‌ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ବୃନ୍ଦାବନ ବିଡିକା, ଅନାସିମ ଶବର, ସମ୍ବରା ଶବର, କରୁଣା କୁରଲିମା,କୈଳାସ ଶବର, ଦାମୋଦର ଶବର, କେ. ଶ୍ରୀନିବାସ ରାଓ, ବୁଦ୍ଧଦେବ ଶବର, ଅର୍ଜନ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଦ୍ମପୁରର କେନ୍ଦୁଗୁଡ଼ାଠାରେ ପ୍ରଭାକର ପାତ୍ର, ଏଲିଅ ମାଝିଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା।ବିଷମକଟକ ବ୍ଲକ୍‌ରେ ବନ୍ଦକୁ ସମର୍ଥନ କରି କଂଗ୍ରେସ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଚାଷୀ ଏବଂ ବ୍ଲକ୍ କଂଗ୍ରେସର ଶତାଧିକ କର୍ମୀ ମିଳିତଭାବେ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବନ୍ଦ ପାଳନରେ ଛାତ୍ର କଂଗ୍ରେସ ସଭାପତି ନିଖିଲ କୁମାର ପଟ୍ଟନାୟକ, ବ୍ଲକ୍ ଏମ୍‌ପି ପ୍ରତିନିଧି ଚନ୍ଦ୍ରଶେଖର କୁସୁଲ୍ୟ, ନୀଳମାଧବ ହିକ୍‌କା, ପୁରୁଷୋତ୍ତମ ତୁଳ, ଜଗବନ୍ଧୁ ହିକ୍‌କା, ଅରବିନ୍ଦ ହିକ୍‌କା, ଦିଲୀପ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ। ଚନ୍ଦ୍ରପୁର ବ୍ଲକ୍‌ରେ ମଧ ଭାରତ ବନ୍ଦର ପ୍ରଭାବ ପଡ଼ିଥିଲା। ବସ୍‌ଷ୍ଟାଣ୍ଡରେ ବସ୍ ଅଟକି ରହିଥିବାରୁ ଯାତ୍ରୀ ଅସୁବିଧା ଭୋଗିଥିଲେ। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମଧ ବନ୍ଦ ରହିଥିଲା। ମୁନିଗୁଡ଼ାଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ ଅବସରରେ ତିନିକୋଣିଆ ଛକ, ମୁନିଖୋଲ, ଷ୍ଟେଟ୍‌ବ୍ୟାଙ୍କ ନିକଟ ରାସ୍ତା ଅବରୋଧ କରାଯାଇଥିଲା। ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଥିଲେ ମଧ ବସ୍ ସେବା ବନ୍ଦ ରହିଥିଲା। ଅଖିଳ ଭାରତୀୟ ମଜଦୁର ସଭାର ଜିଲା ସଭାପତି ହରିବନ୍ଧୁ କାଡ୍ରାକା, ବିଏସ୍‌ପିର ନୀଳମଣି ବାତ୍ରା ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ସଂରକ୍ଷିତ ଜଙ୍ଗଲରୁ ଗଛ କଟା ଘଟଣା: ୩ କୋର୍ଟଚାଲାଣ

ବୈପାରୀଗୁଡା,୮।୧୨ (ଡି.ଏନ୍.ଏ)



ଗିରଫ ୩ ଅଭିଯୁକ୍ତ।

- ପଟ୍ଟାଜାଗା ପାଇଁ ଅନୁମତି ଆଣି ସଂରକ୍ଷିତ ଜଙ୍ଗଲରେ ଗଛ କାଟୁଥିଲେ
- ସ୍ଥାନୀୟ ଲୋକେ କାଠ ବୋଝେଇ ଟ୍ରକକୁ ଅଟକ ରଖିଥିଲେ
- କାଠ ମାଫିଆଙ୍କ ସହ କର୍ମଚାରୀଙ୍କ ରହିଛି ସମ୍ପର୍କ

ସୋମବାର ଗଣ୍ଡେର ବନାଞ୍ଚଳ ଅନ୍ତର୍ଗତ ଦଣ୍ଡାବାଡି ନିକଟସ୍ଥ ପଟପଦର ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବା ଘଟଣାରେ ୩ଜଣଙ୍କୁ ବନ ବିଭାଗ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦଣ୍ଡାବାଡି ପଞ୍ଚାୟତ ଗୌଡଗଡା ଗ୍ରାମର ଜଗବନ୍ଧୁ ପାଙ୍ଗି(୨୨), ବୈପାରୀଗୁଡା ଗ୍ରାମର କାର୍ତ୍ତିକ ସଆବି (୨୫) ଏବଂ ଟ୍ରକ ହେଲପର ସୁରେଶ କମାର ପାଣି (୨୨) । ସେମାନଙ୍କଠାରୁ ଏକ କାଠ ବୋଝେଇ ଟ୍ରକ (ଓଡି ୨୫ ଏଫ୍- ୪୫୫୮) ଜବତ କରାଯାଇଛି । ସୁରେଶଙ୍କ ଘର ନୟାଗଡ । ଜିଲାର ଖଣ୍ଡପଡାରେ। ଅଭିଯୁକ୍ତମାନଙ୍କ ବିରୋଧରେ ଫରେଷ୍ଟ ଆକ୍ଟ ୨୭,୫୬ ଏବଂ ୬୭ରେ ମାମଲା କରାଯାଇଥିବା ଫରେଷ୍ଟର ପିକେ ସାହୁ କହିଛନ୍ତି। ପ୍ରକାଶ ଯେ, ଉକ୍ତ ଅଞ୍ଚଳରେ ଜଣଙ୍କର ପଟ୍ଟା ଜାଗାରେ ୨୫ଟି ଆକାଶିଆ ଗଛ କାଟିବାକୁ କହି ସଂପୃକ୍ତ ଜମି ମାଲିକ ରାମଗିରି ରାଜସ୍ୱ ନିରୀକ୍ଷକଙ୍କଠାରୁ ଅନୁମତି ଆଣିଥିଲେ। ତେବେ ସୋମବାର ନୟାଗଡଠାରୁ ଏକ ଟ୍ରକ ନେଇ କେତେକ କାଠମାଫିଆ ପଟା ଜମିର ଗଛ କାଟିବା ପରିବର୍ତ୍ତେ ସଂରକ୍ଷିତ ଜଙ୍ଗଲରେ ପଶି ଗଛ କାଟିଥିଲେ । ଏହା ଜଣାପଡିବା ପରେ ସ୍ଥାନୀୟ ଲୋକେ ଉକ୍ତ କାଠ ବୋଝେଇ ଟ୍ରକକୁ ରଖି ବନ ବିଭାଗକୁ ଖବର ଦେଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବାରେ ମାଫିଆଙ୍କ ସହ ବନ ବିଭାଗର କେତେକ କର୍ମଚାରୀଙ୍କ ଭିତିରିଆ ସମ୍ପର୍କ ରହିଛି । ସୂଚନାଯୋଗ୍ୟ ଆକାଶିଆ ଓ ୟୁକାଲପଟାସ ଗଛକୁ ବନ୍ୟଜାତ ଦ୍ରବ୍ୟ ତାଲିକାରୁ ବାଦ୍ ଦିଆଯାଇଛି । ଏହାର ଫାଇଦା ସେମାନେ ନେଉଛନ୍ତି। ୩୦ ବର୍ଷ ତଳେ ସାମାଜିକ ବନ ପ୍ରକଳ୍ପ ଯୋଜନାରେ ହଜାର ହଜାର ହେକ୍ଟର ଜାଗାରେ ଲାଗିଥିବା ଆକାଶିଆ ଓ ୟୁକାଲପଟାସ ଗଛ ମାଫିଆମାନେ କାଟି ନେଉଛନ୍ତି । ଅଭିଯୋଗ ପାଇଲେ ମଧ୍ୟ ଏହା ବନଜାତ ଦ୍ରବ୍ୟ ତାଲିକାରୁ ବାଦ୍ ପଡିଥିବା ଆଳ ଦେଖାଇ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉନାହିଁ ।

